ଗ୍ରାମୀଣ କୃଷି ମୌସମ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ବର – ୭୫୧୦୦୩

Dr. T. R. Mohanty

Nodal Officer

**ସପ୍ତାହ –୪୭**

ନ.- ୧୧୭୫ (ଓଡିଆ ବୁଲେଟିନ)

ତାରିଖ- ୨୫ .୧୧ .୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## କେନ୍ଦ୍ରାପଡ଼ା ଜିଲ୍ଲା (ପୂର୍ବ ଓ ଦକ୍ଷିଣ ପୂର୍ବ ଉପକୂଳବର୍ତୀ ସମତଳ ଅଞ୍ଚଳ)

| ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୯ .୧୧ .୨୦୨୫ ରୁ ୨୫ .୧୧ .୨୦୨୫) | | |
|---|---|---|
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ବୃଷ୍ଟିପାତ (ମି. ମି.) |
| 29.6 | 17 | Nil |

## ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୬ .୧୧. ୨୦୨୫ ରୁ ୩୦ .୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ପାଣିପାଗ କାରକ | ପ୍ରଥମ ଦିନ | ଦ୍ବିତୀୟ ଦିନ | ତୃତୀୟ ଦିନ | ଚତୁର୍ଥ ଦିନ | ପଞ୍ଚମ ଦିନ |
|---|---|---|---|---|---|
| ବୃଷ୍ଟିପାତ & ଆକାଶର ସ୍ଥିତି | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର | ପାଗ ଶୁଖିଲା ଓ ଆକାଶ ମୁଖ୍ୟତଃ ପରିଷ୍କାର |
| ସର୍ବାଧିକ ତାପମାତ୍ରା (°C) | 30 | 29 | 28 | 29 | 30 |
| ସର୍ବନିମ୍ନ ତାପମାତ୍ରା (°C) | 16 | 15 | 15 | 16 | 17 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | 72 | 70 | 79 | 84 | 83 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | 43 | 39 | 45 | 49 | 54 |
| ପବନର ବେଗ (କି.ମି./ଘ.) | 14 | 13 | 12 | 10 | 7 |
| ପବନର ଦିଗ | 5 | 90 | 357 | 346 | 348 |

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରହିବାର ସମ୍ଭାବନା ଥିବାବେଳେ ପବନର ବେଗ ହାରାହାରି ୦୭ ରୁ ୧୪ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୮ ରୁ ୩୦ ଡିଗ୍ରୀ ସେଲସିଅସ ଓ ୧୫ ରୁ ୧୭ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ କୃଷି ସୂଚନା

- ପାଣିପାଗ ବିଭାଗ, ଭୁବନେଶ୍ୱରର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି ।
- ଧାନ ଅମଳ କରି, ୩ ରୁ ୪ ଦିନ ଖରା ରେ ଶୁଖାଇ, ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ।
- ଧାନ ସାଇତି ରଖିଥିବା ପାତ୍ର ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ ସମୁଦାୟ ୯ ଗ୍ରାମ ଟାବଲେଟ ଭଲଭାବେ ଟାରପୋଲିନ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ ।
- ଶୀତ ଦିନିଆ ପନିପରିବା ରୋଇବା କାର୍ଯ୍ୟ ସମାପ୍ତ କରନ୍ତୁ ।
- ମୁଗ ବିରି ରେ ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବ ରେ ପ୍ରୟୋଗ କରନ୍ତୁ।
- କୋବି ଜାତୀୟ ଫସଲରେ ଶୀଘ୍ର ଓ ଅଧିକ ଅମଳ ପାଇଁ ଏକର ପ୍ରତି ୭୫-ମିଲି Gibberellic Acid ନାମକ ହରମୋନ ଚାରା ଲଗେଇବାର ୪୫ ଓ ୬୫ ଦିନ ବେଳ କୁ ଦୁଇ ଥର ସିଂଚନ କରନ୍ତୁ ।
- ୩୦ ରୁ ୪୫ ଦିନର ପନିପରିବା ଚାରା ଯଥା ଟମାଟୋ, ବାଇଗଣ, ଲଙ୍କା, ଫୁଲକୋବି, ବନ୍ଧାକୋବି ଇତ୍ୟାଦି କୁ ମୁଖ୍ୟ ଜମିରେ ପ୍ରତିରୋପଣ କରି ଦିଅନ୍ତୁ ।
- କୋବି ଜାତୀୟ ଫସଲ ରେ ୭-୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପରିପକ୍ୱୋ ଅବସ୍ଥା | ❖ ମୂଷା-<br>ଧାନ ଅମଳ ସମୟରେ ମୂଷା କ୍ଷତି ଘଟାଇ ଥାଏ । ମୂଷା କୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତ କୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରି ଦିଅନ୍ତୁ । ତାପର ଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ ଫସଫାଇଡ ୬% ବଟିକା ( ଗୋଟେ ବଟିକା ୧୨ ଗ୍ରାମ ) କନା ରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁ କୁ କାଦୁଅ ରେ ବନ୍ଦ କରି ଦିଅନ୍ତୁ ।<br>❖ ସାଇତା କୀଟ-<br>ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠୋରୀରେ ପୋକ ଦେଖା ଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ ) କନା ରେ ଗୁଡାଇ ରଖନ୍ତୁ ।ଏହା ପରେ ଭଲ ଭାବରେ ତରପୋଲୀନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କ ଜାଗା ନ ରୁହେ । ଯଦି କୋଠୋରୀ ର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠୋରୀ ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |
| ସୋରିଷ | ବୁଣିବା ଅବସ୍ଥା | ❖ ଏକ ଏକର ଚାଷ ପାଇଁ ୨-କେଜି ସୋରିଷ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବା ପୂର୍ବ ରୁ ଏକ କିଲୋଗ୍ରାମ ବିହନରେ ୨ -ଗ୍ରାମ Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପିନାଶକ ବିହନ ରେ ଗୋଳାଇ ବିଶୋଧନ କରନ୍ତୁ। ଜମିକୁ ୩ ରୁ ୪ ଓଡ ଚାଷ କରି ଏକର ପ୍ରତି ୨-ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୧୦୦ କିଲୋଗ୍ରାମ Gypsum ସାର ପ୍ରୟୋଗ କରନ୍ତୁ। |
| ଚିନାବାଦାମ | ବୁଣିବା ଅବସ୍ଥା | ❖ ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ବୁଣିବାର ୧ରୁ ୨ ଦିନ ମଧ୍ୟରେ, ୮୦ ମି.ଲି Oxyfluorfen ନାମକ ଘାସମରା ଔଷଧ କିମ୍ବା ୧ ଲିଟର Pendimethalin ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମଞ୍ଜି ବୁଣିବାର ୩ ଦିନ ମଧ୍ୟରେ କୌଣସି ଘାସମରା ଔଷଧ ପ୍ରୟୋଗ କରି ନଥିଲେ ମଞ୍ଜି ବୁଣିବାର ୧୫ ଦିନ ମଧ୍ୟରେ ଏକର ପ୍ରତି ୩୦୦ ମିଲି Imazethapyr କିମ୍ବା ୪୦୦ ମିଲି Quizalofop Ethyl ନାମକ ଘାସମରା ଔଷଧ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଟମାଟୋ | ଅଙ୍ଗୀୟ ଅଭିବୃଦ୍ଧି - ଫଳ ଧରିବା ଅବସ୍ଥା | ❖ ଧଳାମାଛି<br>ଧଳା ମାଛି କୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛି ର ପରିଚାଳନା ପାଇ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

| | | |
|---|---|---|
| ପିଆଜ | ତଳି ଅବସ୍ଥା | ❖ ଘେରାକଟା ରୋଗ<br>ତଳି ପଟାଳିରେ ଘେରାକଟା ରୋଗ ନ ହେବା ପାଇଁ, ବିହନ ଲଗେଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ **Carbendazim** ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ **Carboxin** ଓ **Thiram** ର ମିଳିତ ଫିମ୍ପିନାଶକ, ବିହନରେ ଗୋଳାଇ ବିଶୋଧନ କରନ୍ତୁ I ପିଆଜ ତଳି ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |
| ପୋଟଳ | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ନିମ୍ନମୁଖୀ ପାଉଁଶିଆ ରୋଗ-<br>ବର୍ତ୍ତମାନ ସମୟରେ ପୋଟଳ ରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି I ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି **Metalaxyl ୮% + Mancozeb ୬୪% W.P @ ୪୦୦** ଗ୍ରାମ କିମ୍ବା **Fosetyl -AL ୮୦ % WP @ ୬୦୦** ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ I |
| ବନ୍ଧା କୋବି ଓ ଫୁଲକୋବି | ଅଙ୍ଗୀୟ ଅଭିବୃଦ୍ଧି ଅବସ୍ଥା | ❖ ଠିକିରି ପିଠିଆ ପୋକ-<br>କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬ -୮ ଟି ଆଲୋକ ଯନ୍ତା ଲଗାନ୍ତୁ I ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ **PPM Azadirachtin** କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ I ରାସାୟନିକ ଉପାୟରେ ଏହି କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି **Tolfenpyrad** ନାମକ କୀଟନାଶକ କିମ୍ବା ୨୦ ଗ୍ରାମ **Flubendiamide** ନାମକ କୀଟନାଶକ କିମ୍ବା ୮୦ ଗ୍ରାମ **Emamectin Benzoate ୫% SG** ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ I |
| କଦଳୀ | ଲଗାଇବା ଅବସ୍ଥା | ❖ ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟାଭେଣ୍ଡିସ ଓ ରୋବଷ୍ଟା ଆଦି କିସମ ୨ X ୨ ମିଟର ଦୂରତା ରେ ୦.୫ X ୦.୫ X ୦.୫ ମିଟର ଗାତ କରି ଲଗାନ୍ତୁ । ୩୦୦ ରୁ ୪୦୦ ଗ୍ରାମ ଓଜନ ର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ । |
| ମତ୍ସ୍ୟ ସମ୍ପଦ | ❖ ବର୍ତ୍ତମାନ ସମୟରେ ମାଛ ପୋଖରୀ ର ୬ ଫୁଟ ପର୍ଯ୍ୟନ୍ତ ପାଣି ରଖନ୍ତୁ । ତାପମାତ୍ରା ହ୍ରାସ ଯୋଗୁଁ ମାଛ ମାନେ କମ ପରିମାଣ ର ଖାଦ୍ୟ ଗ୍ରହଣ କରିଥାନ୍ତି । ତେଣୁ ଶୀତଦିନ ତାପମାତ୍ରା କୁ ଦୃଷ୍ଟି ରେ ରଖି ୫୦ ରୁ ୭୫ % କମ ଖାଦ୍ୟ ଦିଅନ୍ତୁ । ମାଛ ପୋଖରୀ ରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ । | |
| କୁକୁଡା | ❖ ଶୀତ ଋତୁ ରେ କୁକୁଡା ମାନଙ୍କୁ ଅଧିକ ପରିମାଣ ର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା, ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେଅଧିକଲାଭବାନହେବାପାଇଁଓୟୁଏଟିକିଳିଙ୍ଗଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ I

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)